ନରେନ୍ଦ୍ର ନାଥ ସିହ୍ନା

ବନାମ

ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର 5, 1995

[କେ. ରାମସ୍ୱାମୀ, ଫୈଜାନ ଉଦ୍ଦିନ ଏବଂ ବି.ଏନ. କିର୍ପାଲ, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ଉତ୍ତରପ୍ରଦେଶ ଯନ୍ତ୍ରୀ ସେବା (କୋଠା ଏବଂ ରାସ୍ତା ଶାଖା) ଶ୍ରେଣୀ II (ସଂଶୋଧନ) ନିୟମ, 1969:*

*ବରିଷ୍ଠ ସହାୟକ ଯନ୍ତ୍ରୀ - କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି - ସରକାରଙ୍କ ଦ୍ୱାରା ପାରିତ ନିର୍ଦ୍ଦେଶ ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ କରି ଉଚ୍ଚ ନ୍ୟାୟାଳୟଙ୍କ ବରିଷ୍ଠତା ତାଲିକାକୁ ଆପତ୍ତି - ଆଜ୍ଞାଦେଶ ଆବେଦନ ଦାଖଲ କରିବା ପୂର୍ବରୁ ଅପିଲକାରୀଙ୍କୁ ମିଳିଥିବା ଅଧିକାର ତାଙ୍କ ପାଇଁ ଉପଲବ୍ଧ ରହିବ ।*

ଉତ୍ତରପ୍ରଦେଶ ରାଜ୍ୟର ସାର୍ବଜନୀନ କାର୍ଯ୍ୟ ବିଭାଗରେ କାର୍ଯ୍ୟରତ ସହାୟକ ଯନ୍ତ୍ରୀମାନଙ୍କ ବରିଷ୍ଠତା ତାଲିକାକୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଆଜ୍ଞାଦେଶ ଆବେଦନ ଗୁଡ଼ିକର ବିଚାର କରି ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ କହିଥିଲେ ଯେ ଆଜ୍ଞାଦେଶ ଆବେଦନ ଗୁଡ଼ିକ ଦାଖଲ ହେବା ପୂର୍ବରୁ ଦିଆଯାଇଥିବା କୌଣସି ନିଶ୍ଚିତକରଣ କିମ୍ବା ବାସ୍ତବ ପଦୋନ୍ନତି ଉପରେ ଆଜ୍ଞାଦେଶ ଆବେଦନ ଗୁଡ଼ିକରେ ଦିଆଯାଇଥିବା ଆଦେଶ ପ୍ରଭାବ ପକାଇବ ନାହିଁ । କିନ୍ତୁ ରାୟର ଶେଷ ଅନୁଚ୍ଛେଦରେ କୁହାଯାଇଥିଲା ଯେ 29.11.1979 ପୂର୍ବରୁ ନିଆଯାଇଥିବା ଯେକୌଣସି କାର୍ଯ୍ୟ ବେଆଇନ ଥିଲା । ଅପିଲକାରୀଙ୍କୁ 12.7.1979 ରେ ଅସ୍ଥାୟୀ ଭାବରେ ନିର୍ବାହୀ ଯନ୍ତ୍ରୀ ଭାବରେ ପଦୋନ୍ନତି ଦିଆଯାଇଥିଲା, ଏବଂ ପରେ ତାଙ୍କୁ ନିୟମିତ କରାଯାଇଥିଲା ଏବଂ 30.6.1980 ରୁ ଉକ୍ତ ପଦବୀରେ ନିଶ୍ଚିତ କରାଯାଇଥିଲା; ଏବଂ 29.9.1980 ରେ ଆଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା ।

ଏହି ଅଦାଲତ, ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଶେଷ ଅନୁମତି ଆବେଦନରେ ଅନୁମତି ପ୍ରଦାନ କରିବା ସହିତ, ପକ୍ଷମାନଙ୍କୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ

ଦେଇ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଛନ୍ତି । ଅପିଲ ବିଚାରାଧୀନ ଥିବାବେଳେ, ଉତ୍ତରଦାତାଙ୍କ ଅବସରକୁ ବିରୋଧ କରାଯାଇଥିଲା ଏବଂ ଅଦାଲତ ଅନୁଭବ କଲେ ଯେ ଅପିଲରେ ଉଠାଯାଇଥିବା ବିବାଦକୁ ବିଚାର କରିବା ଆବଶ୍ୟକ ନାହିଁ ।

ଅପିଲଟିର ଫଇସଲା କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ : ଏହି ତଥ୍ୟ ଏବଂ ଏହି ଅଦାଲତ ଦ୍ୱାରା ଜାରି କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ପରିଣାମ ଏପରି ହୋଇପାରେ ଯେ ଏହି ଅଦାଲତ ଦ୍ୱାରା ପାରିତ ଆଦେଶ ପୂର୍ବରୁ ଅପିଲକାରୀଙ୍କ ଯେଉଁ ସ୍ଥିତାବସ୍ଥା ଥିଲା, ତାହା ଅବ୍ୟାହତ ରହିବ । ଆଜ୍ଞାଦେଶ ଆବେଦନ ଦାଖଲ ହେବା ତାରିଖ ପର୍ଯ୍ୟନ୍ତ ଅପିଲକାରୀଙ୍କୁ ପ୍ରାପ୍ତ ଅଧିକାର ତାଙ୍କ ପାଇଁ ଉପଲବ୍ଧ ରହିବ, କାରଣ ତାଙ୍କର ପଦୋନ୍ନତି ଏବଂ ସେହିପରି ନିଶ୍ଚିତତାକୁ ରଦ୍ଦ କରାଯାଇ ନଥିଲା । ତେଣୁ, ସରକାର ଅପିଲକାରୀଙ୍କ ଅଧିକାରକୁ ସେହି ଅନୁଯାୟୀ କାର୍ଯ୍ୟକାରୀ କରିବେ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1157/1982

W.P. ସଂଖ୍ୟା 2447/1980ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 14.1.82 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ନାରାୟଣ ବି. ଶେତୟେ, ଏ. କେ ସାଙ୍ଗୀ ଏବଂ ଦିବାକର ଚତୁର୍ବେଦୀ ।

ଉତ୍ତରଦାତାଙ୍କ ପାଇଁ ଅନୀଲ କୁମାର ଗୁପ୍ତା, ଟି.ଏନ୍. ସିଂହ ଏବଂ ଆର୍.ବି. ମିଶ୍ର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଅପିଲରେ ଉଠାଯାଇଥିବା ବିବାଦକୁ ନେଇ ଆଲୋଚନା କରିବାର ଆବଶ୍ୟକତା ନାହିଁ, କାରଣ ପ୍ରତିବାଦୀ ଉତ୍ତରଦାତାମାନେ କାର୍ଯ୍ୟରୁ ନିବୃତ୍ତି ହାସଲ କରି ଅବସର ଗ୍ରହଣ କରିସାରିଛନ୍ତି । ଏହି ଅଦାଲତ ଅନୁମତି ପ୍ରଦାନ କରିବା ସମୟରେ ଏବଂ ଆବେଦନକୁ ଗ୍ରହଣ କରିବା ସମୟରେ ଏହିପରି କହିଥିଲେ:

" ଉଚ୍ଚ ନ୍ୟାୟାଳୟର ରାୟର ପରିଣାମ ସ୍ୱରୂପ ପୂର୍ବାବସ୍ଥାକୁ ଫେରିବା ପ୍ରସଙ୍ଗରେ ଆଜି ପର୍ଯ୍ୟନ୍ତ ଅପିଲର ଫଇସଲା ନହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି ରହିବ । ଭବିଷ୍ୟତର ପଦୋନ୍ନତି ଅପିଲର ଫଳାଫଳ ଉପରେ ନିର୍ଭର କରିବ ।

ଉଚ୍ଚ ନ୍ୟାୟାଳୟର ରାୟର ପ୍ରଥମ ଭାଗରେ ଅନୁଚ୍ଛେଦ 46 ରେ ଏପରି କୁହାଯାଇଥିଲା:

1982

" ଆମେ ଆହୁରି ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଏହି ଆଜ୍ଞାଦେଶ ଆବେଦନରେ ପାରିତ ହେଉଥିବା କୌଣସି ଆଦେଶ ଆଜ୍ଞାଦେଶ ଆବେଦନ ଦାଖଲ କରିବା ପୂର୍ବରୁ କରାଯାଇଥିବା କୌଣସି ନିଶ୍ଚିତତା କିମ୍ବା ବାସ୍ତବ ପଦୋନ୍ନତିକୁ ପ୍ରଭାବିତ କରିବା ଉଚିତ ନୁହେଁ ।

ଏହି ରାୟର ଶେଷ ଅନୁଚ୍ଛେଦରେ ଏକ ବିପରୀତ ମତ ପ୍ରକାଶ ପାଇଥିଲା ଯେ 1979 ନଭେମ୍ବର 29 ପୂର୍ବରୁ ନିଆଯାଇଥିବା ଯେକୌଣସି କାର୍ଯ୍ୟ ବେଆଇନ ଥିଲା ।

ଅପିଲକାରୀଙ୍କ ଦ୍ୱାରା କୁହାଯାଇଛି ଯେ 1979 ,ମସିହା ଜୁଲାଇ 12 ରେ ନିର୍ବାହୀ ଯନ୍ତ୍ରୀ ଭାବରେ ତାଙ୍କର ପଦୋନ୍ନତି ପରେ, ଯଦିଓ ପ୍ରାରମ୍ଭରେ ଅସ୍ଥାୟୀ ଭାବରେ, ତାଙ୍କୁ 1980 ମସିହା ଜୁନ୍ 30 ରେ ନିର୍ବାହୀ ଯନ୍ତ୍ରୀ ଭାବରେ ନିଶ୍ଚିତ ଏବଂ ନିୟମିତ କରାଯାଇଥିଲା । 1980 ମସିହା ସେପ୍ଟେମ୍ବର 29 ତାରିଖରେ ଭି.ଏନ୍. ମିତ୍ତଲଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ ମାମଲା ସଂଖ୍ୟା 2447 ଦାଖଲ କରାଯାଇଥିଲା । ଉପରୋକ୍ତ ତଥ୍ୟ ଏବଂ ଏହି ଅଦାଲତଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଫଳାଫଳ ଏହି ହେବ ଯେ ଏହି ଅଦାଲତଙ୍କ ଦ୍ୱାରା ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ୟ ଏକ ଅପିଲ ପୂର୍ବରୁ ଅପିଲକାରୀଙ୍କର ଯେଉଁ ସ୍ଥିତାବସ୍ଥା ଥିଲା, ତାହା ଅବ୍ୟାହତ ରହିବ । ଆଜ୍ଞାଦେଶ ଆବେଦନ ଦାଖଲ ତାରିଖ ପୂର୍ବରୁ ଅପିଲକାରୀଙ୍କୁ ପ୍ରାପ୍ତ ଅଧିକାର ତାଙ୍କ ପାଇଁ ଉପଲବ୍ଧ ରହିବ, କାରଣ ତାଙ୍କର ପଦୋନ୍ନତି ଏବଂ ସେହିପରି ନିଶ୍ଚିତତାକୁ ରଦ୍ଦ କରାଯାଇ ନଥିଲା । ତେଣୁ, ସରକାର ସେହି ଅନୁଯାୟୀ ଅପିଲକାରୀଙ୍କ ଅଧିକାର ଉପରେ କାର୍ଯ୍ୟ କରିବେ ।

ତଦନୁସାରେ ଅପିଲଟିର ସମାଧାନ କରାଗଲା । କୌଣସି ଖର୍ଚ୍ଚ ବିନା ।

ଆର.ପି.

ଅପିଲ ଖାରଜ ହୋଇଛି ।

## **<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ଅନୁବାଦିକା : କ୍ରିଷ୍ଣା ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।